ସକାଳ
THE SAKALA






# ବ୍ରହ୍ମପୁର ପରେ ଆସିକା ଲୋକସଭା କ୍ଷେତ୍ରରେ ମତଦାନ ହାର ହ୍ରାସ!



**ବ୍ରହ୍ମପୁର,୨୦।୫(ସମିସ):** ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟଗ୍ରହଣ। ଗଞ୍ଜାମ ଜିଲ୍ଲାର ଆସିକା ଲୋକସଭା ଆସନ ସମେତ ଏହା ଅଧୀନସ୍ଥ ୭ଟି

- **ସନ୍ଧ୍ୟା ସୁଦ୍ଧା ମତଦାନ ହାର ୫୪.୫୫%**
- **ସୋରଡ଼ା ଓ ଭଞ୍ଜନଗରରେ ମତଦାନ ହାର ୫୦%ରୁ କମ୍**

ବିଧାନସଭା ଓ କନ୍ଧମାଳ ଲୋକସଭା କ୍ଷେତ୍ର ଅନ୍ତର୍ଗତ ଭଞ୍ଜନଗର ବିଧାନସଭା ଆସନ ପାଇଁ ଭୋଟଗ୍ରହଣ କରାଯାଇଛି। ଆସିକା ଲୋକସଭା ଆସନ ପାଇଁ ମୋଟ ୮ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭଞ୍ଜନଗର ସମେତ ଜିଲ୍ଲାର ମୋଟ ୮ଟି ବିଧାନସଭା ଆସନରେ ୫୦ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି। ଫଳରେ ଭୋଟଗ୍ରହଣ ସହିତ ଉଭୟ ଲୋକସଭା ଓ ବିଧାନସଭା ଆସନ ପାଇଁ ୫୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ମେସିନରେ ବନ୍ଦ ହୋଇଯାଇଛି। ଯାହା ଆସନ୍ତା ଜୁନ ୪ତାରିଖ ଭୋଟଗଣତି ଓ ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ। ତେବେ ଚଳିତ ନିର୍ବାଚନରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ଉଭୟ ଲୋକସଭା ଆସନ ଯାହା ବ୍ରହ୍ମପୁର ଓ ଆସିକା ଲୋକସଭା କ୍ଷେତ୍ରରେ ମତଦାନ ହାର କମ୍ ରହିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଗତ ୧୩ତାରିଖରେ ୪ଟି ଲୋକସଭା କ୍ଷେତ୍ର ମଧ୍ୟରୁ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ସର୍ବନିମ୍ନ ଶତକଡା ୬୦.୨୭ପ୍ରତିଶତ ମତଦାନ ହୋଇଥିଲା। ଏବଂ ବ୍ରହ୍ମପୁରରେ ବିଧାନସଭା ଆସନରେ ମଧ୍ୟ ଅପେକ୍ଷାକୃତ କମ୍ ମତଦାନ ହୋଇଥିଲା।

ସୋମବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣରେ ମଧ୍ୟ ଏକା ପରିସ୍ଥିତି ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାରେ। ସନ୍ଧ୍ୟା ସୁଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ପ୍ରକାରେ ଆସିକା ଲୋକସଭା କ୍ଷେତ୍ର ତଥା ଗଞ୍ଜାମ ଜିଲ୍ଲାର ମୋଟ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ଶତକଡା



୫୪.୫୫ପ୍ରତିଶତ ଥିଲା। ଯାହା ୨୦ତାରିଖ ଦିନ ରାଜ୍ୟରେ ହୋଇଥିବା ୫ଟି ଲୋକସଭା କ୍ଷେତ୍ର ଯଥା ଆସିକା, ବରଗଡ, ବଲାଙ୍ଗିର, କନ୍ଧମାଳ ଓ ସୁନ୍ଦରଗଡ ମଧ୍ୟରୁ ଆସିକାରେ ସର୍ବନିମ୍ନ ବୋଲି ଜଣାପଡିଛି। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ ମୋଟ ୩୫ଟି ବିଧାନସଭା ଆସନ ପାଇଁ ଭୋଟଗ୍ରହଣ କରାଯାଇଛି। ମିଳିଥିବା ତଥ୍ୟ ପ୍ରକାରେ ସନ୍ଧ୍ୟା ୫ଟା ସୁଦ୍ଧା ସୋରଡାରେ ସର୍ବନିମ୍ନ ୪୭.୮୦%, ଭଞ୍ଜନଗରରେ ୪୯.୧୦%, ଆସିକାରେ ୫୩.୧୬%, ଖଲ୍ଲିକୋଟରେ ୫୬.୨୩%, କବିସୂର୍ଯ୍ୟନଗରରେ ୫୬.୬୬%, ହିଞ୍ଜିଳିରେ ୫୭.୨୧%, ସାନଖେମୁଣ୍ଡିରେ ୫୭.୩୯% ଏବଂ ପୋଲସରାରେ ସର୍ବାଧିକ ୫୮.୬୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି। ପୂର୍ବାହ୍ନରେ ପାଗ ଅନୁକୁଳ ଥିବାରୁ ସମସ୍ତ ବୁଥରେ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ସହିତ ଭିଡ ପରିଲକ୍ଷିତ ହୋଇଥିଲା। ତେବେ କ୍ରମଶଃ ଖରା ଓ ତାତି ବଢିବା ପରେ ମଧ୍ୟାହ୍ନ ସମୟରେ ବୁଥ୍ ଗୁଡିକରେ ଭୋଟରଙ୍କ ସଂଖ୍ୟା ହ୍ରାସ ପାଇଥିଲା। ତେବେ ପୁଣି ଅପରାହ୍ନରେ ବିଭିନ୍ନ ବୁଥ ଗୁଡିକରେ ଭୋଟରଙ୍କ ଲମ୍ବା ଲାଇନ ଲାଗିଥିଲା। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଭଳି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଜିଲ୍ଲାର ସୋରଡା ଓ ଭଞ୍ଜନଗର ଭଳି ଦୁଇଟି ବିଧାନସଭା କ୍ଷେତ୍ରରେ ସନ୍ଧ୍ୟା ସୁଦ୍ଧା ଶତକଡା ୫୦ପ୍ରତିଶତରୁ କମ୍ ମତଦାନ ହୋଇଥିଲା। ଅଧିକ ସଂଖ୍ୟକ ପ୍ରାର୍ଥୀ ଓ ଜାତୀୟସ୍ତରର ନେତାଙ୍କ ମାରାଥନ ପ୍ରଚାର ଯୋଗୁଁ ଚଳିତ ନିର୍ବାଚନରେ ପ୍ରଭାବ ପଡିବା ନେଇ ଯେଉଁ ଆଶା ଓ ଆକଳନ କରାଯାଉଥିଲା ତାହା ମତଦାନ ହାରକୁ ଦେଖିଲେ ସ୍ପଷ୍ଟ ହେଉଛି ଯେ ଷ୍ଟାର ପ୍ରଚାରକଙ୍କ କୌଣସି ପ୍ରକାରେ ଭୋଟରଙ୍କୁ ପ୍ରଭାବିତ କରିପାରି ନାହିଁ। ଯଦିଓ ପାଣିପାଗ ଯୋଗୁଁ କିଛି ସମସ୍ୟା ରହିଥିଲା ତଥାପି ଉଭୟ ପର୍ଯ୍ୟାୟ ଭୋଟଗ୍ରହଣର ମତଦାନ ହାରକୁ ନେଇ ରାଜନିତି ସମୀକ୍ଷକମାନେ ଚିନ୍ତା ପ୍ରକଟ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ। ଏହା ପରେ ମଧ୍ୟ ଅର୍ଥାତ୍ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ଏପରିକି ଶେଷ ମୂହୁର୍ତ୍ତରେ ବୁଥ୍ ମଧ୍ୟରେ ଥିବା ଭୋଟର ମଧ୍ୟ ଭୋଟ ଦେଇପାରିବା ନେଇ ବିଧି ରହିଛି। ଫଳରେ ଏହି ମତଦାନ ହାର ବୃଦ୍ଧି ପାଇବାର ସମ୍ଭାବନା ଯଥେଷ୍ଟ ରହିଛି।

## ହିଞ୍ଜିଳିକାଟୁରେ ଶାନ୍ତିପୂର୍ଣ୍ଣ ମତଦାନ





**ବ୍ରହ୍ମପୁର/ହିଞ୍ଜିଳିକାଟୁ,୨୦।୫(ସମିସ):** ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ କ୍ରମରେ ଆସିକା ଲୋକସଭା ଓ ହିଞ୍ଜିଳି ବିଧାନସଭା ଆସନ ଲାଗି ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ହିଞ୍ଜିଳିକାଟୁ ପୌରପରିଷଦ ଓ ହିଞ୍ଜିଳିକାଟୁ ବ୍ଲକରେ ଥିବା ବିଭିନ୍ନ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଭାବେ ଭୋଟ ଗ୍ରହଣ ହୋଇଥିଲା। ଭୋଟରମାନେ ନିରପେକ୍ଷ ଭାବେ ନିଜ ମତଦାନ କେନ୍ଦ୍ରକୁ ଆସି

- **ଉତ୍ସାହର ସହ ଭୋଟ ଦେଲେ ନୂଆ ଭୋଟର**
- **ଇଭିଏମ୍‌ରେ ସିଲ୍ ହେଲା ପ୍ରାର୍ଥୀଙ୍କ ଭାଗ୍ୟ**

ନିଜ ପ୍ରିୟ ନେତାଙ୍କୁ ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ସେଥି ମଧ୍ୟରେ ବହୁ ଯୁବ ଭୋଟର ମଧ୍ୟ ବିଭିନ୍ନ ମତଦାନ କେନ୍ଦ୍ରକୁ ଆସି ସେମାନଙ୍କ ପ୍ରଥମ ମତଦାନ ଦେଇଥିଲେ। ଯୁବ ଭୋଟରମାନେ ମାନେ ପ୍ରଥମଥର ନିମନ୍ତେ ଭୋଟ ଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୩୨ହଜାର ୧୦୯ଜଣ ଭୋଟର ରହିଛନ୍ତି। ସେଥି ମଧ୍ୟରୁ ୧ଲକ୍ଷ ୨୦ହଜାର ୮୮୯ଜଣ ପୁରୁଷ ଥିବା ବେଳେ ଏକ ଲକ୍ଷ ୧୧ହଜାର ୨୦୨ଜଣ ମହିଳା ଭୋଟର ରହିଛନ୍ତି। ସେହିପରି କେବଳ ହିଞ୍ଜିଳିକାଟୁ ପୌର ପରିଷଦରେ ୧୧ହଜାର ୧୫୨ଜଣ ପୁରୁଷ ଭୋଟର ରହିଥିବା ବେଳେ ୧୦ହଜାର ୧୨୬ଜଣ ମହିଳା ଭୋଟର ରହିଛନ୍ତି। ଭୋଟରମାନଙ୍କ ନିମନ୍ତେ ମୋଟ ୨୨୯ଟି ବିଭିନ୍ନ ମତଦାନ କେନ୍ଦ୍ରର ରହିଥିଲା। ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ୧୧୯ଟି ବୁଥର ବ୍ୟବସ୍ଥା ହୋଇଥିଲା। ଏଠାରେ ଭୋଟରମାନେ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ସେହିପରି ଶେରଗଡ଼ ବ୍ଲକର ୧୧୦ଟି ବୁଥରେ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି। ସନ୍ଧ୍ୟା ୫ଘଣ୍ଟ ୧୫ମିନଟ ସୁଦ୍ଧା ୫୭.୨୧ ପ୍ରତିଶତ ମତଦାନ ହୋଇଥିବା ବେଳେ ୬ଟା ପର୍ଯ୍ୟନ୍ତ ଅଧିକାଂଶ ମତଦାନ କେନ୍ଦ୍ରରେ ଭୋଟର ମାନଙ୍କ ଲାଇନ ଲାଗିଥିବାରୁ ମତଦାନ ପ୍ରତିଶତ ବଢ଼ିବ ବୋଲି ଅନୁମାନ କରାଯାଉଛି। ତେବେ ହିଞ୍ଜିଳିକାଟୁ ବିଧାନସଭା ଓ ଲୋକସଭା ନିର୍ବାଚନ ଶେଷ ହୋଇଥିବା ବେଳେ ଇଭିଏମରେ ସିଲ୍ ହୋଇଯାଇଛି ନିର୍ବାଚନ ଫଳାଫଳ।

### ନୂଆ ଭୋଟରଙ୍କ ଅନୁଭୂତି



**ଜିନୁ ସେଠୀ:** ପ୍ରଥମ ଥର ନିର୍ବାଚନରେ ଭୋଟ ଦେବା ନିମନ୍ତେ ସୁଯୋଗ ପାଇଛି। ପ୍ରଥମ ଭୋଟ ଦେଲାବେଳେ ଡର ଲାଗୁଥିଲା। ପରେ ଦ୍ୱିତୀୟଥର ନିମନ୍ତେ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଗଲାବେଳେ ମୋର ଡର ଛାଡ଼ି ଯାଇଥିଲା।



**ଶିବାନୀ ସେଠୀ:** ଆଜି ମୁଁ ଭୋଟ ଦେଇ ବହୁତ୍ ଖୁସି ଅନୁଭବ କରିଛି। ବର୍ତ୍ତମାନ ମୁଁ ଦେଶର ଜଣେ ସଚେତନ ନାଗରିକ ଭାବେ ଜଣେ ଭଲ ଲୋକପ୍ରତିନିଧିଙ୍କୁ ବାଛିବାକୁ ମୋତେ ସୁଯୋଗ ମିଳିଛି।



**ସ୍ମୃତି ସେଠୀ:** ବିକାଶକୁ ଆଧାର କରି ମୁଁ ମୋର ମୂଲ୍ୟବାନ ଭୋଟ ଆଜି ଦେଇଛି। ଏହା ମୋର ଜୀବନର ପ୍ରଥମ ମତଦାନ ଏବଂ ତାହା ମୁଁ ସଠିକ୍ ଭାବେ ଓ ଉତ୍ତମ ଜନପ୍ରତିନିଧିଙ୍କୁ ଦେଇଛି ବୁଲି ମନେକରୁଛି।



**ଆଲୋକ କୁମାର ସାହୁ:** ବିଭିନ୍ନ ସମୟରେ ବୁଥ ରିଗିଂ ହେଉଥିବା ନେଇ ଖବର ଦେଖୁଥିଲି। ସେହି ସମୟରେ ମୁଁ ବ୍ୟବସ୍ଥାକୁ ନେଇ ବିରକ୍ତ ହେଉଥିଲି। କିନ୍ତୁ ଆଜି ଅନୁଭବ କରୁଛି। ତାହା ଭୁଲ ଥିଲା। ବେଶ୍ ଶୃଙ୍ଖଳା ଆଉ ନିରପେକ୍ଷ ଭାବରେ ମତଦାନ ଚାଲିଥିବା ଦେଖି ମୁଁ ବହୁତ୍ ଖୁସି ଅଛି।

## ବୁଥ୍‌ରେ ମୁଣ୍ଡିଆ ମାରି ମତଦାନ କଲେ ସାଂସଦ ପ୍ରମିଳା ବିଷୋୟୀ

**ବ୍ରହ୍ମପୁର,୨୦।୫(ସମିସ):** ଆସିକା ସାଂସଦ ପ୍ରମିଳା ବିଷୋୟୀ ତାଙ୍କ ସରଳତା ଓ ସଚ୍ଛତା ଲାଗି ସବୁବେଳେ ନିଆରା ହୋଇଥାନ୍ତି। ସାଧାସିଧା ବ୍ୟକ୍ତିତ୍ୱ, ଉତ୍ତମ ଚିନ୍ତାଧାରା ଓ ସାଧାରଣ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକର୍ଷିତ ମଧ୍ୟ କରିଛି। ନିର୍ବାଚନର ମହାପର୍ବରେ ସେ ଆଜି ସାମିଲ ହୋଇଛନ୍ତି। ସମସ୍ତଙ୍କୁ ମତସାବ୍ୟସ୍ତ କରିବାକୁ ଆହ୍ୱାନ କରିଛନ୍ତି। ଆସିକା ନିର୍ବାଚନ ମଣ୍ଡଳୀର ଚେରମାରିଆ ବୁଥରେ ଶ୍ରୀମତୀ ବିଷୋୟୀ ମତାଧିକାର ସାବ୍ୟସ୍ତ କଲାବେଳେ କିଛି ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେ ପ୍ରଥମେ ବୁଥକୁ ଯାଇ ମୁଣ୍ଡିଆ ମାରିଥିଲେ। ତତପରେ ମତଦାନ କରିଥିଲେ। ନିର୍ବାଚନରେ ମହାପର୍ବରେ ସମସ୍ତେ ସାମିଲ ହୋଇ ଭୋଟ ଦେବାକୁ ଅପିଲ ମଧ୍ୟ କରିଥିଲେ। ଏନେଇ ସେ କହିଛନ୍ତି ଯେ, ପ୍ରଥମେ ବୁଥକୁ ଗଲି। ବୁଥକୁ ମୁଣ୍ଡିଆ ମାରିଲି। ପ୍ରଭୁ ଜଗନ୍ନାଥ, ମା' ତାରାତାରିଣୀ, ମତଦାନ ବୁଥ ଓ ବସୁମାତାଙ୍କୁ ନମସ୍କାର କଲି। ଭୋଟ ଦେଇ ଆସି ବହୁତ ଖୁସି ଅନୁଭବ କରୁଛି। ମା', ଭାଇ ଓ ଭଉଣୀମାନେ ମତଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପଲ୍ଲୀରୁ ଦିଲ୍ଲୀରେ ମତେ ପହଞ୍ଚାଇଲେ। ଭାରତସାରା ମୋତେ ଜାଣିଲେ। ସବୁଠି ଖୁସି ହେଲେ। ମୁଁ ମଲା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ରହିବି। ବିଜୁ ଜନତା ଦଳ ଲାଗି ସବୁବେଳେ କାମ କରିବି ବୋଲି ସେ କହିଛନ୍ତି।

**■ ଡିଭାଇଡର୍‌ରେ ପିଟିହେଲା ସ୍କୁଟି**

## ପୂର୍ବତନ ସେନା କର୍ମଚାରୀ ମୃତ

**ବ୍ରହ୍ମପୁର,୨୦।୫(ସମିସ):** ଜାତୀୟ ରାଜପଥରେ ସ୍କୁଟି ଚଳାଇ ଯାଉଥିବା ବେଳେ ଏକ ଡିଭାଇଡରକୁ ପିଟିହୋଇ ଜଣେ ପୂର୍ବତନ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବାଘଲଟି ପଞ୍ଚାୟତ କୁଶପୁର ଗ୍ରାମର ସଞ୍ଜୟ କୁମାର ନାହାକ(୪୫)। ସୂଚନାପ୍ରକାରେ, ଗତକାଲି ଅପରାହ୍ନରେ ସଞ୍ଜୟ ନିଜ ସ୍କୁଟି ଯୋଗେ ଜାତୀୟ ରାଜପଥରେ ବ୍ରହ୍ମପୁର ଆଡକୁ ଆସୁଥିବା ବେଳେ ଖଜୁରିଆ ଓଭରବ୍ରିଜଠାରେ ଥିବା ଡିଭାଇଡର ସହ ଧକ୍କା ହୋଇଯାଇଥିଲା। ଦୁର୍ଘଟଣା ଯୋଗୁ ସେ ରାପଥରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପିଣ୍ଟୁ ଦାଶଙ୍କ ଜାମିନ ଆବେଦନ ଖାରଜ

**ବ୍ରହ୍ମପୁର,୨୦।୫(ସମିସ):** ବ୍ରହ୍ମପୁର ଲୋକସଭା ଆସନର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଆକ୍ରମଣ କରି ଗିରଫ ହୋଇ ଜେଲ ଯାଇଥିବା ବ୍ରହ୍ମପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ପିଣ୍ଟୁଙ୍କୁ ଜାମିନ ପ୍ରଦାନ ପାଇଁ ତାଙ୍କ ଓକିଲ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଆବେଦନ କରିଥିଲେ। ତେବେ କୋର୍ଟ ପିଣ୍ଟୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିବା ଜଣାପଡିଛି। ପରବର୍ତ୍ତି ପଦକ୍ଷେପ ଭାବେ ଜାମିନ ପାଇଁ ପିଣ୍ଟୁ ହାଇକୋର୍ଟର ଦ୍ୱାରସ୍ଥ ହେବେ ତାଙ୍କ ଓକିଲଙ୍କ ଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗତ ୧୩ତାରିଖରେ ବ୍ରହ୍ମପୁରରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହୋଇଥିଲା। ସେହିଦିନ ରାତି ପ୍ରାୟ ସାଢେ ୯ଟା ସମୟରେ ଗୋଷାଣିନୂଆଗାଁ ଥାନା ସମ୍ମୁଖରେ ଥିବା ୧୩୨ନମ୍ବର ବୁଥରେ ଇଭିଏମ ମେସିନ ସିଲ ହୋଇନଥିବା ଖବର ପାଇ ବିଜେପିର ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ନିଜ ସମର୍ଥକଙ୍କ ସହ ସେଠାକୁ ଯାଇଥିଲେ। ଶ୍ରୀ ପାଣିଗ୍ରାହୀ ବୁଥ୍ ନିକଟରେ ଛିଡା ହୋଇ ଗୋଷାଣିନୂଆଗାଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ସହ ଆଲୋଚନା କରୁଥିବା ବେଳେ ଅନୁରୁପ ଖବର ପାଇ ପିଣ୍ଟୁ ସେଠାରେ ପହଞ୍ଚିଥିଲେ। ଏବଂ କୌଣସି କାରଣ ବସତଃ ପିଣ୍ଟୁ ଆତର୍କିତ ଭାବେ ପ୍ରଦୀପଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣରେ ପ୍ରଦୀପ ଆହତ ହୋଇ ପ୍ରଥମେ ବ୍ରହ୍ମପୁର ଏମକେସିଜି ମେଡିକାଲ ଓ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ ହୋଇଥିଲେ। ତେବେ ପ୍ରଦୀପଙ୍କୁ ଆକ୍ରମଣ କରିଥିବା ପିଣ୍ଟୁଙ୍କୁ ପୁଲିସ ଅଧିକାରୀମାନେ ଘଟଣା ସ୍ଥଳରେ ହିଁ କାବୁ କରି ଥାନାକୁ ନେଇଥିଲେ। ଥାନାରେ ପିଣ୍ଟୁଙ୍କୁ ଅଟକ ରଖାଯିବା ପ୍ରତିବାଦରେ ତାଙ୍କ ସମର୍ଥକମାନେ ଉକ୍ତ ରାତିରେ ଥାନା ଘେରାଉ କରିଥିଲେ। ପରଦିନ ଅର୍ଥାତ ୧୪ତାରିଖରେ ପୁଲିସ ପିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତାଙ୍କୁ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯିବା ସହ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ଏସଡିଜେଏମ କୋର୍ଟରେ ଜାମିନ ଖାରଜ ହେବା ପରେ ପିଣ୍ଟୁ ଦାଶଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଥିଲା। ପରେ ପିଣ୍ଟୁଙ୍କ ଓକିଲ ଜାମିନ ପାଇଁ ଗଞ୍ଜାମ ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ଆବେଦନ କରିଥିଲେ। ସେହି ଆବେଦନର ଶୁଣାଣି ପାଇଁ ସୋମବାର ଦିନ ଧାର୍ଯ୍ୟ ହୋଇଥିଲା। ପିଣ୍ଟୁଙ୍କ ପକ୍ଷରୁ ଆଇନଜୀବୀ କିଶୋର ମିଶ୍ର, କୈଳାସ ପଣ୍ଡା ଓ ସଞ୍ଜିତ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିବା ବେଳେ ପ୍ରଦୀପଙ୍କ ପକ୍ଷରୁ ପିତବାସ ପଣ୍ଡା, ଅସିତ ଶତପଥି ଓ ବିରଞ୍ଚି ମହାପାତ୍ର ମାମଲା ପରିଚାଳନା କରିଥିଲେ। ଜିଲ୍ଲାଜଜ୍ ଉଭୟ ପକ୍ଷର ଓକିଲଙ୍କ ଯୁକ୍ତି ଶୁଣିବା ପରେ ପିଣ୍ଟୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ।

## ଅନିଦ୍ରା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



**ବ୍ରହ୍ମପୁର,୨୦।୫(ସମିସ):** ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନଠାରେ ଅନିଦ୍ରା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ଗ୍ରୀଷ୍ମ ଋତୁରେ ଗରମ ଯୋଗୁଁ, ଶୋଇବା ପୂର୍ବରୁ ମୋବାଇଲ ବ୍ୟବହାର, ବାର୍ଦ୍ଧକ୍ୟରେ, ମାନସିକ ଚିନ୍ତା, କ୍ରୋଧ, ଶୋଇବା ପୂର୍ବରୁ କଫି, ନିକୋଟିନ୍ ଜାତୀୟ ଦ୍ରବ୍ୟ ସେବନ, ଯାନରେ ଅଧିକ ଭ୍ରମଣ, ପିତ୍ତ ବର୍ଦ୍ଧକ କଟୁ, ମସଲା, ଆମିଷ, ତେଲ ଛଣା ଖାଦ୍ୟ, ଗୋଡ଼ ହାତ ବ୍ୟଥାରେ ରାତ୍ର ଭଲ ନିଦ୍ରା ହୁଏନାହିଁ। ଫଳରେ ଭ୍ରମ, ଦୁର୍ବଳ ବୋଧ, ଅରୁଚି, କାମରେ ଅନିଚ୍ଛା ଆଦି ଲକ୍ଷଣ ଦେଖାଯାଏ। କାରଣ ଗୁଡିକୁ ଛାଡି ସମ ଶୀତୋଷ୍ଣ, ଅନ୍ଧାର ଗୃହରେ, ସଙ୍ଗୀତ କୋଳାହଳ ବିହୀନ, ଉତ୍ତମ କୋମଳ ଶଯ୍ୟାରେ, ଗୋଡ ହାତ ଧୋଇ, ପରିସ୍ରା କରି ଶୋଇଲେ ଓ ସୁନୁସୁନିଆ ଶାଗ, ପୋଇ ଶାଗ ବା ସର୍ପଗନ୍ଧା ଚେର ଘୋରି ଖାଇଲେ ଭଲ ନିଦ୍ରା ହୁଏ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।

ସକାଳ THE SAKALA



### ଶେଷ ହେଲା ନିର୍ବାଚନ

# ଭଞ୍ଜନଗରରେ ୫୦% ମତଦାନ

ଭଞ୍ଜନଗର, ୨୦।୫(ସମିସ): ଗଞ୍ଜାମ ଜିଲ୍ଲାରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଆସ୍କା ଲୋକସଭା ସହ ୮ଟି ବିଧାନସଭା ଆସନ ପାଇଁ ମତଦାନ



ହୋଇଥିଲା। ଭଞ୍ଜନଗର ୧୨୩ନଂ ନିର୍ବାଚନ ମଣ୍ଡଳୀରେ ରବିବାର ରାତିରେ ଡ଼ିହ ପଡ଼ାଳ ପଞ୍ଚାୟତରେ ବିଜେଡ଼ି ଓ ବିଜେପି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୬ଜଣ ଆହତ ହୋଇଥିବା ବେଳେ ସୋମବାର ମତଦାନ ବେଳେ ତୁରୁମୁ ପଞ୍ଚାୟତ ବେରୁଆଁ ବାଡ଼ିରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ତାରସିଂ ପୁଲିସ ସେଠାରେ ପହଞ୍ଚି ସ୍ଥିତି ସୁଧାରିବା ପରେ ସ୍ୱାଭାବିକ ଭାବରେ ମତଦାନ ହୋଇଥିଲା। ଅନ୍ୟ ସମସ୍ତ ବୁଥରେ ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ମତଦାନ ଶେଷ ହୋଇଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମୋଟ ୨, ୩୯, ୪୫୩ଜଣ ଭୋଟର ରହିଛନ୍ତି। ସେଥି ମଧ୍ୟରେ ୧, ୨୩, ୭୯୫ଜଣ ପୁରୁଷ ଓ ୧, ୧୫, ୬୪୧ଜଣ ମହିଳା ଭୋଟର ଅଛନ୍ତି।ଏଥି ନିମନ୍ତେ ୨୬୦ଟି ବୁଥ୍ ରେ ମତଦାନ ହୋଇଥିଲା। ହେଲେ ପ୍ରବଳ ଗରମ ଓ ଗୁଳୁଗୁଳି କାରଣରୁ ମାତ୍ର ୪୯.୧୦ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ବୁଦ୍ଧିଜୀବୀ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ଥର ଏହି ନିର୍ବାଚନମଣ୍ଡଳୀରୁ ମୋଟ ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସକାଳେ ସ୍ଥାନୀୟ ବିଜେଡ଼ି ବିଧାୟକ ପ୍ରାର୍ଥୀ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିଜ ଗ୍ରାମ ଅଗଖୋଳ ୧୨୩ନଂ ବୁଥ୍ ରେ ଯାଇ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ଅନ୍ୟାନ୍ୟ ବୁଥରେ ମଧ୍ୟ ପ୍ରବଳ ଖରା ସତ୍ତ୍ୱେ ଭୋଟରମାନେ ଧାଡ଼ିରେ ଛିଡ଼ା ହୋଇ ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ହେଲେ ମଧ୍ୟାହ୍ନ ଓ ଅପରାହ୍ଣ ସମୟରେ ଭୋଟରଙ୍କ ସଂଖ୍ୟା ଢ଼େର କମ ରହିଥିଲା। ସେଥିମଧ୍ୟରେ ନୂତନ ଭୋଟର, ଦିବ୍ୟାଙ୍ଗ, ବୟସ୍କ ଓ ମହିଳା ଭୋଟରମାନେ ବେଶ ଉତ୍ସାହିତ ଥିବା ଦେଖାଯାଇଛି। ଭୋଟର ମାନଙ୍କ ସୁବିଧା ଦୃଷ୍ଟିରୁ ସଖୀ ବୁଥ୍, ଆଦର୍ଶ ବୁଥ୍ ଓ ପରିବେଶ ସଚେତନତା ବୁଥରେ ପାଣି, ଓ.ଆର.ଏସ ଏବଂ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ପୁଲିସ କର୍ମଚାରୀ ମାନେ ବିଭିନ୍ନ ବୁଥ୍‌ରେ ମୃତୟନ ଥିବା ବେଳେ ମୋବାଇଲ ପାର୍ଟି ମଧ୍ୟ ସତର୍କ ରହିଥିଲେ। ଅପରାହ୍ଣରେ ବର୍ଷା ଓ ପବନ ସତ୍ତ୍ୱେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଭିନ୍ନ ପୋଲିଙ୍ଗ ପାର୍ଟି ଇଭିଏମ ମେସିନ ସିଲ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଠାରେ ଥିବା ଭୋଟ ଗଣତି କେନ୍ଦ୍ରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପହଞ୍ଚିବା କାର୍ଯ୍ୟ ଚାଲିଥିଲା।

## ଧରାକୋଟ ବ୍ଲକ୍‌ରେ ୬୨% ମତଦାନ



ଧରାକୋଟ, ୨୦।୫(ସମିସ): ଆଜି ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ସନ୍ଧ୍ୟା ୫ଟାରେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୧, ୩୪, ୯୭୧ ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ସେଥି ମଧ୍ୟରେ ପୁରୁଷ ଭୋଟର ୬୨୮୧୦ ଜଣ ଓ ମହିଳା ଭୋଟର ୭୨୧୬୧ ଜଣ ରହିଛନ୍ତି। ଧରାକୋଟ ବ୍ଲକରେ ପୁରୁଷ ଭୋଟର ୨୪୭୩୬ ଜଣ ଓ ମହିଳା ଭୋଟର ୨୮୯୭୯ ଜଣ ମତଦାନ କରିଛନ୍ତି। ଆଜିର ନିର୍ବାଚନ ବେଳେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାରେ ମହିଳା ଭୋଟର ମତଦାନ କରିଥିବା ଦେଖିବାକୁ ମିଳିଛି। ମତଦାନ ବେଳେ କିଛି କେନ୍ଦ୍ରରେ ଇଭିମ ସମସ୍ୟା ଯୋଗୁଁ ମତଦାନ ପ୍ରକ୍ରିୟା ବିଳମ୍ବ ହୋଇଥିବା ବେଳେ ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ଲୋକେ ସୁରୁଖୁରୁରେ ମତଦାନ କରିଥିଲେ ଲୋକେ। ଧରାକୋଟ ବ୍ଲକର ୨୧ ନମ୍ବର ବୁଥ କୁଶଗୁମାରେ ଏଜେଣ୍ଟ ବସିବା ନେଇ ଉପୁଜିଥିବା ସମସ୍ୟାର ସମାଧାନ ହେବା ପରେ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା। ଧରାକୋଟ ବ୍ଲକ ପ୍ରଶାସନର ସମୟୋଚିତ ପଦକ୍ଷେପ ଯୋଗୁଁ ସମସ୍ତ ୧୧୦ଟି ବୁଥରେ ମତଦାନ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି।

## ମତଦାନ ସାବ୍ୟସ୍ତ କଲେ ସାବୁଲିଆବାସୀ

ରମ୍ଭା, ୨୦।୫(ସମିସ): ଆସିକା ସଂସଦ ତଥା ଖଲ୍ଲିକୋଟ ବିଧାନସଭାମଣ୍ଡଳୀ ପାଇଁ ମତଦାନ ସୋମବାର ହୋଇଥିଲଶ। ସାବୁଲିଆ ପଞ୍ଚାୟତରେ ମତଦାନ ଲାଗି ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏହି ପଞ୍ଚାୟତର୫ ଗୋଟି ବୁଥରେ



୩୮୬୧ ଭୋଟର ମତଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ସମୟ ନିର୍ଘଣ୍ଟ ଯଥେଷ୍ଟ ହୋଇଥିବାରୁ ଭୋଟର ଅସହ୍ୟ ଖରାକୁ ଦେଖି ନିଜର ସମୟ ମୁତାବକ ନେଇ ମତଦାନ ଦେଇ ଫେରିଥିବା ଲକ୍ଷ୍ୟ କରାଯାଇଛି। ମହିଳା, ଭିନ୍ନକ୍ଷମ, ବୃଦ୍ଧ / ବୃଦ୍ଧା ମତଦାନରୁ କେହି ବିରତି ହୋଇ ନ ଥିବା ଅନୁମାନ କରାଯାଇଛି। ଏଥି ସହିତ ଦଳୀୟ ନେତାମାନେ ନିଜ ନିଜର ଭୋଟର ମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଦେଇ ମତଦାନ କେନ୍ଦ୍ରକୁ ଆଣିଥିବା ଜଣାପଡ଼ିଛି। ସାବୁଲିଆ ପଞ୍ଚାୟତର ୫ ଗୋଟି ବୁଥ ମଧ୍ୟରୁ ୧୧୯ନଂ ବୁଥ ଗୋଲା ଗଣ୍ଡାପଲ୍ଲୀରୁ ୯୯୫ ପୁଲିଙ୍ଗ ହୋଇଥିବା ବେଳେ ଷ୍ଟୁଡେନ୍ସ ନୋଡାଲ ହାଇସ୍କୁଲ ବୁଥ ନଂ -୧୨୩ରୁ ୬୭୯, ବୁଥ ନଂ- ୧୨୪ରୁ ୭୬୨ ଏବଂ ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟ ବୁଥ ନଂ -୧୨୧ରୁ ୭୮୫, ବୁଥନଂ -୧୨୨ ରୁ୬୪୦କୁ ମିଶାଇ ମୋଟ ୩୮୬୧ଗୋଟି ମତଦାନ ହୋଇଥିବା ନେଇ ନିର୍ବାଚନ ସେକ୍ଟର ଅଫିସର କିଶୋର ଚନ୍ଦ୍ର ଘାସିଙ୍କ ଠାରୁ ପ୍ରକାଶ। ଚଳିତ ନିର୍ବାଚନ ରାଜ୍ୟ ସରକାରଙ୍କ ପକ୍ଷରୁ ଭୋଟର ତଥା ଭିନ୍ନକ୍ଷମ ବୃଦ୍ଧ ବୃଦ୍ଧା ମାନଙ୍କୁ ଆନୁସଙ୍ଗିକ ଉପକରଣ ଯୋଗାଣ ହୋଇଥିଲେ ମଧ୍ୟ ଭିନ୍ନକ୍ଷମ ଭୋଟରଙ୍କୁ ଦୋଳରେ ବୋହି ଆଣିବା ଏବଂ ମତଦାନ କରି ଘରକୁ ଫେରିବା ଲକ୍ଷ୍ୟ କରାଯାଇଛି।

## ଅଟୋକୁ ଧକ୍କା ଦେଲା ଟ୍ରକ୍; ୮ ଆହତ

ଖଲ୍ଲିକୋଟ, ୨୦।୫(ସମିସ): ଖଲ୍ଲିକୋଟ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ସାବୁଲିଆ ନିକଟରେ ଗୋଟିଏ ଅଟୋକୁ ଟ୍ରକ୍ ଧକ୍କା ଦେବାରୁ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବ୍ରହ୍ମପୁରରୁ ନିଜ ଗ୍ରାମ ଗଣ୍ଡାପଲ୍ଲୀକୁ ଏକ ଅଟୋ ଯୋଗେ ଫେରୁଥିବା ବେଳେ ସାବୁଲିଆ ନିକଟରେ ଏକ ଟ୍ରକ୍ ଅଟୋ ପଛକୁ ଧକ୍କା ଦେଇଥିଲା। ଫଳରେ ଅଟୋ ଓଲଟି ପଡ଼ିବା ସହ ସେଥିରେ ଥିବା ୮ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଏଠାରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଗଣ୍ଡାପଲ୍ଲୀ ଗ୍ରାମର ବି. ନରସିହ୍ମା ପାତ୍ର, ବି. ରାଜାମ୍ମା ପାତ୍ର, ବି. କ୍ରିଷ୍ଣା ପାତ୍ର, ଏମ. ଶୁଭ ପାତ୍ର, ଏମ. ସାବିତ୍ରୀ ପାତ୍ର, ବି. ସାବିତ୍ରୀ ପାତ୍ର, ବି. ପାନ୍ନାମ୍ମା ପାତ୍ର, ଏମ. ଦାସ ପାତ୍ର। ସେମାନଙ୍କ ମଧ୍ୟରୁ ବି. ନରସିହ୍ମା ପାତ୍ର ଏବଂ ବି. ରାଜାମ୍ମା ପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ରାଜେଶ୍ୱରୀ ଲାୟକଙ୍କ ଦ୍ୱାଦଶାହ



ବ୍ରହ୍ମପୁର, ୨୦।୫(ସମିସ): ବ୍ରହ୍ମପୁର ମହାନଗର ନିଗମ ୧୭ନଂ ୱାର୍ଡ କର୍ପୋରେଟର ଦୁର୍ଗା କୁମାର ଲାୟକଙ୍କ ମାତା ରାଜେଶ୍ୱରୀ ଲାୟକଙ୍କ ଦ୍ୱାଦଶାହ ପାଳିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ବିଜେଡି ନେତା ଭୀମସେନ ଦଳେଇ, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ତ୍ରିପତି ପାତ୍ର, ଜ୍ୟୋତି ରଞ୍ଜନ ସାହୁ, ଅଜିତ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ସ୍ୱର୍ଗତ ରାଜେଶ୍ୱରୀ ଲାୟକଙ୍କ ପରିବାର ଓ ବନ୍ଧୁଜନ ମଧ୍ୟ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ

ବ୍ରହ୍ମପୁର, ୨୦।୫(ସମିସ): ସ୍ଥାନୀୟସିଟିହାଇସ୍କୁଲରୋଡସ୍ଥିତମାନସଭବନପରିସରରେ ବ୍ରହ୍ମପୁର ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ଚିନାରୀ ଶ୍ୟାମମୂର୍ତ୍ତି ଅଧ୍ୟକ୍ଷତା କରିଥିଲେ। ବୈଠକରେ ସାଧାରଣ ସମ୍ପାଦକ ଲକ୍ଷ୍ମୀ ଚରଣ ଦାଶ ଗତମାସ ବିବରଣୀ ପ୍ରଦାନ କରିଥିଲେ। ସଭାପତି ଗତମାସ ସଂଘର ଆୟ ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସଂଘର ଦୁଇଜଣ ସଦସ୍ୟଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ସୁଧୀର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ମହାପାତ୍ର, ଉପସଭାପତି ସୀମାଞ୍ଚଳ ବେହେରା, ନୀଳାମ୍ବର ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟଧନ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ମତଦାନ ଲାଗି ଲୋକଙ୍କ ଉତ୍ସାହ



ସାନଖେମୁଣ୍ଡି, ୨୦।୫(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ସନ୍ଧ୍ୟା ୫ଟା ସୁଦ୍ଧା ସମୁଦାୟ ୫୭ ପ୍ରତିଶତ ଭୋଟ ଗ୍ରହଣ କରାଯାଇଥିଲା। ସାନଖେମୁଣ୍ଡି ବ୍ଲକର ୨୬ଟି ପଞ୍ଚାୟତ ଅଧିନରେ ରହିଥିବା ମତଦାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ୧୪୩ଟି ବୁଥରେ ସୁରୁଖୁରୁରେ ଶେଷ ହୋଇଛି ମତଦାନ। ସକାଳ ୭ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ସକାଳ ୭ଟାରୁ ଭୋଟ କେନ୍ଦ୍ରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ଏପରିକି କିଛି ବୁଥରେ ଏଭିଏମ ମେସିନ୍ ତୃଟି ଯୋଗୁଁ ବିଳମ୍ବରେ ଭୋଟ ଦାନ ହୋଇଥିଲା। ସାନଖେମୁଣ୍ଡି ବ୍ଲକରେ ମୋଟ ୧ ଲକ୍ଷ ୩୬ ହଜାର ୨୫୨ ଭୋଟର ରହିଥିବା ରହିଥିବା ବେଳେ ୭୦ ହଜାର ୭୮୪ ପୁରୁଷ ଭୋଟର, ୬୫ ହଜାର ୪୪୮ ମହିଳା ଭୋଟର, ୨୦ ଅନ୍ୟାନ୍ୟ ରହିଛନ୍ତି। ରାତି ୭ ପର୍ଯ୍ୟନ୍ତ କେତେକ ବୁଥ ରେ ଭୋଟର ମତଦାନ କେନ୍ଦ୍ରରେ ଲାଇନ୍‌ରେ ରହିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ବୁଥରୁ ପୋଲିଂ ପାର୍ଟି କିଭଳି ଭାବେ ସୁରକ୍ଷିତ ଭାବରେ ଷ୍ଟ୍ରଙ୍ଗ ରୁମ୍‌ରେ ପହଞ୍ଚିବ ସେନେଇ ପ୍ରଶାସନ ବ୍ୟବସ୍ଥା କରୁଛି।

## ବେଲଗୁଣ୍ଠାରେ ନିର୍ବାଚନ ଶାନ୍ତିପୂର୍ଣ୍ଣ



ବେଲଗୁଣ୍ଠା, ୨୦।୫(ସମିସ): ଆସ୍କା ଲୋକସଭା ଅନ୍ତର୍ଗତ ସୋରଡ଼ା ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା ବ୍ଲକ ଓ ଏନ୍ଏସିରେ ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ବେଲଗୁଣ୍ଠା ବ୍ଲକର ୧୮ଟି ପଞ୍ଚାୟତ ଓ ଏନ୍ଏସିର ୧୩ଟି ୱାର୍ଡରେ ପୁରୁଷ ଭୋଟର ୫୬୦୮୬, ମହିଳା ୫୨୨୨୭ ଓ ୮ ଜଣ କିନ୍ନରଙ୍କୁ ନେଇ ମୋଟ ଭୋଟର ୧୦୯୩୨୧ଙ୍କ ଭୋଟଗ୍ରହଣ ପାଇଁ ବେଲଗୁଣ୍ଠା ଏନ୍.ଏ.ସି ଓ ବ୍ଲକରେ ମୋଟ ୧୧୫ଟି ବୁଥ୍ ପ୍ରସ୍ତୁତ ହୋଇଥିବା ବେଳେ ସେଥି ମଧ୍ୟରୁ ପିଙ୍କ୍ ତଥା ସଖୀ ବୁଥ୍ ୧୧ଟି, ମଡେଲ୍ ବୁଥ୍ ୫ଟି, ୟୁଥ୍ ବୁଥ୍ ୩ଟି ଓ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଗୋଟିଏ ବୁଥ୍ ପ୍ରସାଶନ ତରଫରୁ ତିଆରି ହୋଇଥିଲା। ମୋଟ ଭୋଟରଙ୍କ ମଧ୍ୟରୁ ଖବର ଲେଖା ହେବା ପର୍ଯ୍ୟନ୍ତ ୫୫% ମତଦାନ ହୋଇଥିବା ସୂଚନା ମିଳିଛି।

● ହିଞ୍ଜିଳି ବିଧାନସଭା ଆସନ

## ଉତ୍ସାହର ସହ ମତଦାନ କଲେ ଭୋଟର

ଶେରଗଡ଼, ୨୦।୫(ସମିସ): ଦ୍ୱିତୀୟ ପର୍ଯ୍ୟାୟ ମତଦାନ। ଆରମ୍ଭରୁ ଭିଡ ଓ ମତଦାନ ଲାଗି ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଲୋକ ଉତ୍ସାହର ସହ ମତଦାନ କରିଥିଲେ। କେତେକ ସ୍ଥାନରେ ମତଦାନ ପ୍ରକ୍ରିୟା ବିଳମ୍ବ ଥିବା ଅଭିଯୋଗ ଉଠିଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଅଧିକାଂଶ ମତଦାନ କେନ୍ଦ୍ର ରେ ଭୋଟର ଜାମ ରହିଥିଲେ। ଏହା ହେଉଛି ହିଞ୍ଜିଳି ବିଧାନସଭା କ୍ଷେତ୍ରରେ ସୋମବାର ଦିନତମାମ ହୋଇଥିବା ମତଦାନ ଚିତ୍ର। ବ୍ଲକର ସମସ୍ତ ବୁଥରେ ମତଦାନ ଶାନ୍ତି ପୂର୍ଣ୍ଣ ରହିଛି। ଶେଷ ଖବର ସୁଦ୍ଧା ହିଞ୍ଜିଳି ବିଧାନସଭା କ୍ଷେତ୍ରରେ ମତଦାନ ଉତ୍ସାହଜନକ ରହିଛି। ହିଞ୍ଜିଳି ବିଧାନସଭା କ୍ଷେତ୍ର ଶେରଗଡ଼ ବ୍ଲକର ୧୧୦ଟି ବୁଥରେ ସୋମବାର ଭୋରରୁ ଆରମ୍ଭ ହୋଇଥିଲା ମତଦାନ ପ୍ରକ୍ରିୟା। ଉତ୍ସାହର ସହ ଲୋକ ମତଦାନ ପାଇଁ ବୁଥରେ ପହଞ୍ଚି ଥିଲେ। ଭିନ୍ନ ଭିନ୍ନ ବୟସର ମତଦାତା ମାନଙ୍କୁ ଦେଖିବାକୁ ମିଳିଥିଲା। ଶତାୟୁ ମତଦାତା, ଫାଷ୍ଟ ଟାଇମ ଭୋଟର, ଭିନ୍ନକ୍ଷମ ମତଦାତା ଉତ୍ସାହର ସହ ମତଦାନ କରିଥିଲେ। ଶତାୟୁ ମତଦାତାଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଦିବ୍ୟାଙ୍ଗଙ୍କ ଲାଗି ଟାଇ ସାଇକେଲ, ବ୍ରେଲି ବେଲଟ। ପ୍ରଥମ ଥର ମତଦାନ କରୁଥିବା ଯୁବ ଭୋଟର ମାନେ ମତଦାନ ପରେ ସେଲଫି ପଏଣ୍ଟରେ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା। ମତଦାନ ଆରମ୍ଭ ୯୦ ମିନିଟ ପୂର୍ବରୁ ମକପୋଲ କରାଯାଇଥିଲା। ପୂର୍ବାହ୍ନ ରେ ମତଦାନ କେନ୍ଦ୍ର ରେ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ଏହି ସମୟରେ ପ୍ରାର୍ଥୀ ମାନେ ମଧ୍ୟ ନିଜ ନିଜର ମତଦାନ କରିଥିଲେ। ମଧ୍ୟାହ୍ନ ତାତି ବଢ଼ିବା ସାଙ୍ଗକୁ ବୁଥରେ ମଧ୍ୟ ଭୋଟରଙ୍କ ଭିଡ ବଢ଼ିଥିଲା।

## ସୋରଡ଼ାରେ ପ୍ରିଜାଇଡିଂ ଅଫିସରଙ୍କ ମନମାନିକୁ ନେଇ ଅସନ୍ତୋଷ



ସୋରଡ଼ା, ୨୦।୫(ସମିସ): ସୋରଡ଼ା ବ୍ଲକରେ ଶାନ୍ତି ଓ ଶୃଙ୍ଖଳାର ସହିତ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି। ତେବେ କିଛି ବୁଥ୍‌ରେ ଇଭିଏମର ଯାନ୍ତ୍ରିକ ତ୍ରୁଟି ରହିଥିବା ହେତୁ ୧୪୭ନଂ ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟ ଏନ୍ଏସିର କିଛି ୱାର୍ଡର ବୁଥ୍‌ରେ ମତଦାନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ବୁଥ୍ ନଂ ୮ ଙ୍ଗେଜାରେ ପ୍ରିଜାଇଡିଂ ଅଫିସରଙ୍କ ମନମାନି ଯୋଗୁଁ ସନ୍ଧ୍ୟା ୫ଟାରୁ ବୁଥ ବନ୍ଦ କହି ତାଲା ପକାଇ ଦେଇଥିବା ହେତୁ କିଛି ମତଦାତା ମତଦାନରୁ ନିବୃତ୍ତ ରହିଥିବା ଅଭିଯୋଗ ହୋଇଛି। କିଛି ବୁଦ୍ଧିଜୀବୀ ମତଦାତାଙ୍କ ହୋହଲ୍ଲା ଓ ସେକ୍ଟର ଅଫିସରଙ୍କ ହସ୍ତକ୍ଷେପ ପରେ କିଛି ମତଦାତା ମତଦାନ କରିଥିଲେ।

## ଶେରଗଡ଼ ବ୍ଲକରେ ୬୪% ମତଦାନ

ଶେରଗଡ଼, ୨୦।୫(ସମିସ): ହିଞ୍ଜିଳି ନିର୍ବାଚନମଣ୍ଡଳୀର ଶେରଗଡ଼ ବ୍ଲକରେ ନିର୍ବାଚନ ପ୍ରକ୍ରିୟା ଶାନ୍ତି ପୂର୍ଣ୍ଣ ଭାବେ ଶେଷ ହୋଇଛି। ମତଦାନ ଲାଗି ଶେରଗଡ଼ ବ୍ଲକ ୨୨ଟି ପଞ୍ଚାୟତରେ ୧୧୦ ଟି ମତଦାନ କେନ୍ଦ୍ର କରାଯାଇଥିଲା। ସେଥିମଧ୍ୟରୁ ସଖୀ ମତଦାନ କେନ୍ଦ୍ର ୧୧ ଓ ୫ ଟି ଆଦର୍ଶ ମତଦାନ କେନ୍ଦ୍ର। ଏସବୁ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ସକାଳ ୭ ଟାରୁ ଆରମ୍ଭ ହୋଇଥିଲା ମତଦାନ ପ୍ରକ୍ରିୟା। ମଧ୍ୟାହ୍ନ ୧ଟା ସୁଦ୍ଧା ଭୋଟଦାନ କେନ୍ଦ୍ର ମାନଙ୍କ ରେ ୩୫% ରହିଥିଲା। ଅପରାହ୍ନ ୬ଟା ସୁଦ୍ଧା ଶେରଗଡ଼ ବ୍ଲକରେ ସାମଗ୍ରୀକ ଭାବେ ୬୪% ମତଦାନ ହୋଇଥିବା ଜଣାପଡ଼ିଛି। ନିର୍ବାଚନ ଉତ୍ସାହ ସହକାରେ ଅନେକ ନୂତନ ଭୋଟର ଧାଡି ବାନ୍ଧି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଶେରଗଡ଼ ସହର ରେ ମତଦାନ ହାର ୫୮% ହୋଇଛି। ଅନେକ ମତଦାନ କେନ୍ଦ୍ର ରେ ସନ୍ଧ୍ୟା ୭ ଟା ସୁଦ୍ଧା ଇଭିଏମ ସିଲ ହୋଇନଥିବା ଜଣାପଡ଼ିଛି। ଯକବିସୂର୍ଯ୍ୟନଗର ବିଧାୟିକା ପ୍ରାର୍ଥୀ ଲତିକା ପ୍ରଧାନ ଓ ପୂର୍ବତନ ସାଂସଦ ନିତ୍ୟାନନ୍ଦ ପ୍ରଧାନ ଶେରଗଡ଼ ବ୍ଲକ ତାକରଡାରେ ତାଙ୍କର ମତଦାନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଶତାୟୁ ବୃଦ୍ଧ ଗୋପୀନାଥ ସ୍ୱାଇଁ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା।

### ମରଣଯନ୍ତା ପାଲଟିଛି ୧୬ ନମ୍ବର ଜାତୀୟ ରାଜପଥ

# ୨ ସପ୍ତାହରେ ୪ଟି ଦୁର୍ଘଟଣା; ୪ ମୃତ ଓ ୨ ଆହତ

ବ୍ରହ୍ମପୁର, ୨୦।୫(ସମିସ): ମରଣଯନ୍ତା ପାଲଟିଛି ୧୬ନମ୍ବର ଜାତୀୟ ରାଜପଥ। ଚେନ୍ନାଇ ଠାରୁ କୋଲକୋତା ଯାଇଥିବା ଏହି ଜାତୀୟ ରାଜପଥରେ ଗଞ୍ଜାମ ଜିଲ୍ଲାରେ ଚାଲିଥିବା ଦୋହରିକରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ନାହିଁ ଲୋକଙ୍କୁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗ୍ରାମାଞ୍ଚଳ ଥିବା ବେଳେ ବିଭିନ୍ନ ସ୍ଥାନରେ ଓଭରବ୍ରିଜ ଓ ସର୍ଭିସ ରୋଡ ନିର୍ମାଣ ପାଇଁ ଦାବି କରାଯାଇଛି। ବାରମ୍ବାର ଦାବି ପରେ ଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ସର୍ଭିସ ରୋଡ ଓ ୪ଟି ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ସଡ଼କ ଦୁର୍ଘଟଣା ଜନିତ ମୃତାହତ ସଂଖ୍ୟାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ। ଦିନକୁ ଦିନ ବଢ଼ିବାରେ ଲାଗିଛି ସଡକ ଦୁର୍ଘଟଣା ଓ ଏଥି ଜନିତ ମୃତାହତଙ୍କ ସଂଖ୍ୟା। ଗତ ଦୁଇ ସପ୍ତାହ ମଧ୍ୟରେ ଏହି ୧୬ନମ୍ବର ଜାତୀୟ ରାଜପଥର ବ୍ରହ୍ମପୁର ସହର ନିକଟରେ ୪ଟି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଯେଉଁଥିରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଚନ୍ଦ୍ରପୁରର ଏସ.ଦେବରାଜ ଦୋରା, ବଡ଼ବଜାର ରଙ୍ଗୁଣୀବନ୍ଧ ସାହିର ସଞ୍ଜୀବ କୁମାର ନାୟକ, ବାଘଲଟି ପଞ୍ଚାୟତ କୁଶପୁର ଗ୍ରାମର ମୂଳ ନିବାସୀ ତଥା ଲାଞ୍ଜିପଲ୍ଲୀ କେଶବ ନଗରରେ ରହୁଥିବା ସଞ୍ଜୟ କୁମାର ନାହାକ ଓ ଆମ୍ବପୁଆ ମାଳତି ନଗରର କୈଳାସ ଚନ୍ଦ୍ର ପାତ୍ର। ସେହିପରି ଆହତ ବ୍ୟକ୍ତିଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ବୃନ୍ଦାବନ ସ୍ୱାଇଁ ଥିବା ଜଣାପଡ଼ିଛି। ମୃତ ସଞ୍ଜୟ ନାହାକ ଜଣେ ପୂର୍ବତନ ସେନା କର୍ମଚାରୀ ବୋଲି ଜଣାପଡ଼ିଛି। ଗତ ୫ତାରିଖ ରାତିରେ ସଞ୍ଜୀବ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଅନ୍ଧପସରା ରୋଡ଼ ନିକଟରେ ସଞ୍ଜୀବଙ୍କ ସ୍କୁଟିକୁ ଏକ ପିକଅପ ଭ୍ୟାନ ଧକ୍କା ଦେଇଥିଲା। ଏଥିରେ ସଞ୍ଜୀବ ଗୁରୁତର ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗତ ୮ତାରିଖ ପୂର୍ବାହ୍ନରେ ସ୍ଥାନୀୟ ହଳଦିଆପଦର ଓଭରବ୍ରିଜ ନିକଟସ୍ଥ ପରିବା ବଜାର ନିକଟରେ ଏକ ଟାଟା ଏସି ଗାଡି ଧକ୍କାରେ ପରିବା ବିକାଳି ଏସ.ଦେବରାଜ ଦୋରାଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଖଲାସି ବୃନ୍ଦାବନ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ଅନୁରୂପ ଭାବେ ରବିବାର ଦୁଇଟି ଦୁର୍ଘଟଣା ହୋଇଥିଲା। ଗୋଟିଏ ଆଙ୍କୁଲି ଜାତୀୟ ରାଜପଥରେ ଅନ୍ୟଟି ହଳଦିଆପଦର ଜାତୀୟ ରାଜପଥରେ। ଆଙ୍କୁଲି ଜାତୀୟ ରାଜପଥରେ ହୋଇଥିବା ଦୁର୍ଘଟଣାରେ କୈଳାସଙ୍କ ମୃତ୍ୟୁ ହୋଇଥିବା ବେଳେ ଖଜୁରିଆ ବାଇପାସରେ ଏକ ଅଜଣା ଗାଡ଼ି ଧକ୍କାରେ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ନେଇ ବ୍ରହ୍ମପୁର ଟ୍ରାଫିକ ଥାନାରେ ଅଭିଯୋଗ ହୋଇଛି। ଉପରୋକ୍ତ ସମସ୍ତ ଅଭିଯୋଗକୁ ଆଧାର କରି ପୁଲିସ ୪ଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥଳକୁ ବ୍ଲାକସ୍ପଟ ଭାବେ ଚିହ୍ନଟ କରାଯାଉଥିଲେ ହେଁ ପରବର୍ତ୍ତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରାଳୟକୁ ସିଧାସଳଖ ଦାୟୀ କରାଯାଇଛି।

## ଆସିକାରେ ୫୫%ରୁ ଊର୍ଦ୍ଧ୍ୱ ମତଦାନ

**ଆସିକା,୨୦।୫(ସମିସ):** ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ୨୦୯ଟି ବୁଥରେ ଶାନ୍ତି ପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ଆସିକା ସାଂସଦ ପ୍ରମିଳା ବିଷୋୟୀ ନିଜ ଗାଁ ଚେରମାରିଆ ସ୍କୁଲରେ ଥିବା ବୁଥକୁ ଯାଇ ବୁଥ ଆଗରେ ମୁଣ୍ଡିଆ ମାରି ମତ ଦାନ କରିଥିଲେ। ସେହିପରି ଆସିକା ବିଜେଡି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ନିଜ ଗାଁ ପଥରାରେ ମତଦାନ କରିଥିଲେ। ସେହିଭଳି କଂଗ୍ରେସ ପ୍ରାର୍ଥୀ ସୁରଭି ବିଷୋୟୀ ନିଜ ଗାଁ କର୍ଣ୍ଣୋଳୀ ଠାରେ ଥିବା ସ୍କୁଲରେ, ବିଜେପି ବିଧାୟକ ପ୍ରାର୍ଥୀ ସରୋଜ କୁମାର ପାଢ଼ୀ ହରିହର ହାଇସ୍କୁଲ୍‌ରେ ନିଜର ମତ ଦାନ କରିଥିଲେ। ମକୁନ୍ଦପୁର ଓ କର୍ଣ୍ଣଲି ବୁଥରେ ଇଭିଏମ ମେସିନ ଖରାପ ଯୋଗୁ କିଛି ସମୟ ପାଇଁ ମତ ଦାନ ବନ୍ଦ ଥିଲା ପରେ ନୂଆଁ ଇଭିଏମ୍ ମେସିନ ଆସିବା ପରେ ପୁଣି ମତଦାନ ଆରମ୍ଭ ହୋଇଥିଲା। ଆସିକା ବିଭିନ୍ନ ବୁଥରେ ପ୍ରଶାସନ ପକ୍ଷରୁ ସବୁ ବୁଥରେ ପୁଲିସର କଡା ନଜର ରହିଥିଲା। ମତଦାନ ସରିବା ପରେ ସବୁ ବୁଥର ଇଭିଏମ୍ ଗୁଡ଼ିକ ୨୦୯ ବୁଥରୁ ସୁରକ୍ଷିତ ଭାବେ ବ୍ଲକ କାର୍ଯ୍ୟାଳୟ ପରିସରରେ ରଖା ଯାଇଥିବା ବେଳେ ୫୫% ମତ ଦାନ ହୋଇଥିବା ସୂଚନା ମିଳିଛି।

## ନୂଆ ଭୋଟରଙ୍କ ପ୍ରତିକ୍ରିୟା



ଗଣତନ୍ତ୍ରର ମହାନ ପର୍ବ ସାଧାରଣ ନିର୍ବାଚନରେ ନିଜକୁ ସାମିଲ କରି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ପ୍ରଥମ ଥର ପାଇଁ ମତଦାନ କରିଲି। ସେଥିପାଇଁ ମୁଁ ନିଜକୁ ବହୁତ ଗର୍ବିତ ମନେ କରୁଛି। ଏଭଳି ପ୍ରତ୍ୟେକ ଥର ମୁଁ ମୋର ମତଦାନ ଦେବାକୁ ଚେଷ୍ଟା କରିବି।

-ପ୍ରତିଭା ରେଡି

### ● ଦ୍ୱିତୀୟ ପର୍ଯ୍ୟାୟରେ ୬୦% ମତଦାନ

# ସ୍ୱାଭିମାନର ସହ ଭୋଟଦେଲା ପୋଲସରା

**ପୋଲସରା,୨୦।୫(ସମିସ)**



ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ଆସିକା ସଂସଦୀୟ କ୍ଷେତ୍ରରେ ଆସୁଥିବା ପୋଲସରା ନିର୍ବାଚନମଣ୍ଡଳୀରେ ମତଦାନ ଅତି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ସରିଛି। ପୋଲସରା ଏନ୍‌ଏସି ସମେତ ୨୭ଟି ପଞ୍ଚାୟତର ସମସ୍ତ ଭୋଟର ସ୍ୱାଭିମାନର ସହ ନିଜେ ନିଜର ମତଦାନ କରି ଉଲ୍ଲେଖନୀୟ ପାରିଦର୍ଶିତା ଦେଖାଇଛନ୍ତି। ପ୍ରତ୍ୟେକ ବୁଥରେ ନିୟୋଜିତ ଥିବା ସମସ୍ତ ପୁଲିଂ ଅଧିକାରୀ ବହୁ ପୂର୍ବରୁ ପ୍ରସ୍ତୁତି ଜାରି ରଖିଥିଲେ। ସକାଳ ୭ଟାରୁ ସମସ୍ତ ବୁଥର ପୁଲିଂ ଅଧିକାରୀ ସଚେତନ ଭୋଟର ମାନଙ୍କୁ ସ୍ୱାଗତ କରିବା ସହ ମତଦାନ ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୋଲସରା ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ହାତୀଓଟ ସ୍ଥିତ ଗ୍ରାମ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୨୩୪ନଂ ବୁଥରେ ମତଦାନ କରିଥିଲେ। ଏହାସହିତ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ, କର୍ମୀ ଓ ଶୁଭେଚ୍ଛୁ ମାନଙ୍କୁ ନିଜେ ନିଜର ଅଧିକାର ସାବ୍ୟସ୍ତ କରି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବାକୁ ନିବେଦନ କରିଥିଲେ। ଚଳିତ ବର୍ଷ ମହିଳା ଭୋଟରଙ୍କ ମତଦାନ ନିମନ୍ତେ ସଖୀ ବୁଥର ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ପୋଲସରା ଏନଏସିରେ, ରାଣିପଡ଼ା ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ, ଏକ୍ସବୋର୍ଡ ବିଦ୍ୟାଳୟ, ଗୋପବନ୍ଧୁ ହାଇସ୍କୁଲ, ଲୁଣିଘାଟି ସ୍ଥିତ ଟ୍ରେନିଂ ସ୍କୁଲ ପରିସରରେ ମାତ୍ର ସଖି ବୁଥ ହୋଇ ଥିବାବେଳେ ପୋଲସରା ବ୍ଲକର ସମସ୍ତ ପଞ୍ଚାୟତରେ ସମୁଦାୟ ୧୯ଟି ସଖୀ ବୁଥ୍ କରାଯାଇ ମହିଳାଙ୍କୁ ବୁଥ ପ୍ରତି ଆକୃଷ୍ଟ କରାଯାଇଛି। ସେହିପରି ନିର୍ବାଚନ କମିଶନଙ୍କର ନିର୍ଦ୍ଦେଶ ଅନୁସାରେ ଶାରୀରିକ ଭିନ୍ନକ୍ଷମ ଥିବା ଉଭୟ ପୁରୁଷ ଓ ମହିଳାଙ୍କ ମତଦାନ ପ୍ରତି ସମ୍ବେଦନଶୀଳ ହୋଇ ହ୍ୱିଲଚେୟାର ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇ ମତଦାନ କରିବା ପାଇଁ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଉଷ୍ଣତାକୁ ନେଇ ଉଭୟ ପୋଲସରା ଏନଏସି ଓ ବ୍ଲକର ସମୁଦାୟ ଭୋଟର ସଂଖ୍ୟା ୧ ଲକ୍ଷ ୪୦ ହଜାର ରହିଥିବାବେଳେ ସମୟ କ୍ରମେ ସନ୍ଧ୍ୟା ସୁଦ୍ଧା ୬୦% ମତଦାନ ହୋଇଛି।

## ୧୦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

**ପୁରୁଷୋତ୍ତମପୁର,୨୦।୫(ସମିସ):** ପୁରୁଷୋତ୍ତମପୁର ବ୍ଲକ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଅର୍ନ୍ତଭୁକ୍ତ। ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ପୁରୁଷୋତ୍ତମପୁର ବ୍ଲକର ୧୪୭ଟି ବୁଥ୍‌ରେ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସକାଳ ୭ଟାରୁ ବୁଥ ସମ୍ମୁଖରେ ଭୋଟଦାନ ପାଇଁ ଲମ୍ବା ଧାଡ଼ି ଆରମ୍ଭ ହୋଇଯାଇଥିଲା। ସହ ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୮୪ହଜାର ୩୯୬ ଭୋଟରଙ୍କ ପାଇଁ ୮୮ ବୁଥ ରହିଛି। ସେହିପରି କବିସୂର୍ଯ୍ୟନଗର ବିଧାନସଭାରେ ୧୧ଟି ପଞ୍ଚାୟତ ୫୭ହଜାର ୩୯୭ ଭୋଟରଙ୍କ ପାଇଁ ୫୯ ବୁଥ ମତଦାନ ପାଇଁ ରହିଛି। ଏହି କ୍ରମରେ ପୁରୁଷୋତ୍ତମପୁର ବ୍ଲକ ଓ ଏନ୍‌ଏଏସିର୧୪୭ଟି ବୁଥରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଜଣ ଭୋଟରଙ୍କ ମତଦାନ ପାଇଁ ୧୪୭ଟି କେନ୍ଦ୍ରର ବ୍ୟବସ୍ଥା ହୋଇଥିଲା।୧୪୭ ଜଣ ପ୍ରିଜାଇଡିଂ ଏବଂ ୭୩୫ ଜଣ ପୋଲିଂ ଅଧିକାରୀ ନିୟୋଜିତ ରହିଥିଲେ। ସମସ୍ତ ବୁଥରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ନିର୍ଦ୍ଧାରିତ ସମୟପରେ ମଧ୍ୟ ବହୁ କେନ୍ଦ୍ରରେ ମତଦାନ ଚାଲିଥିବା ଜଣାପଡ଼ିଛି। ଖଲିକୋଟ ବିଧାନସଭା ପାଇଁ ୩ଜଣ ପ୍ରାର୍ଥୀ, କବିସୂର୍ଯ୍ୟନଗର



ମଧ୍ୟାହ୍ନରେ ଖରା ଯୋଗୁଁ ଲୋକଙ୍କ ଭିଡ଼ ଟିକେ କମିଯାଇଥିଲା। ଅପରାହ୍ନରେ ପାଗ ମେଘୁଆ ରହିବା ଯୋଗୁଁ ଭୋଟରଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ଏହି ବ୍ଲକର ୧୫ଟି ପଞ୍ଚାୟତ ୧୦ଟି ସଖୀ ବୁଥ ଓ ୫ଟି ଆଦର୍ଶ ବୁଥ, ଗୋଟିଏ ବୁଥ ଇକୋ ଫ୍ରେଣ୍ଡଲି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ କରାଯାଇଥିଲା। ପୁରୁଷୋତ୍ତମପୁର ବ୍ଲକ ଓ ଏନଏଏସିର ମୋଟ ଏକ ଲକ୍ଷ ୪୫ ହଜାର ୭୬୬ ବିଧାନସଭା ପାଇଁ ୧୦ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଫଳ ଇଭିଏମରେ ସିଲ୍ ହୋଇଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ପରେ କିଏ ବିଜୟ ମୁକଟ ପିନ୍ଧିବ ତାହା ଜାଣିବାକୁ ଅପେକ୍ଷା କରିଛନ୍ତି।

## ସମ୍ବେଦନଶୀଳ ଖଲ୍ଲିକୋଟରେ ଶାନ୍ତିପୂର୍ଣ୍ଣ ମତଦାନ

**ଖଲ୍ଲିକୋଟ,୨୦।୫(ସମିସ):** ସମ୍ବେଦନଶୀଳ ଖଲ୍ଲିକୋଟରେ ସୋମବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ସମ୍ପର୍ଣ୍ଣ ହୋଇଛି। ଗତ ୧୫ ତାରିଖରେ ଖଲ୍ଲିକୋଟ ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ବିଜେପି କର୍ମୀ ଦିଲ୍ଲୀପ ପାହାନଙ୍କୁ ହତ୍ୟା ଓ ପର ଦିନ ଥାନା ପରିସରରେ ଘଟିଥିବା ହିଂସାକାଣ୍ଡ ଯୋଗୁଁ ଖଲ୍ଲିକୋଟ ବ୍ଲକ ସମ୍ବେଦନଶୀଳ ହୋଇପଡିଥିଲା। ଶାନ୍ତିପୂର୍ଣ୍ଣ ଭାବେ କିଭଳି ଭୋଟ ଗ୍ରହଣ ହେବ ସେଥିପ୍ରତି ପୁରା ପ୍ରଶାସନ ଲାଗି ପଡିଥିଲା। ନିର୍ବାଚନ କମିଶନ ଖଲ୍ଲିକୋଟ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ମତଦାନ ସରିବା ପରେ ପ୍ରଶାସନ ଆଶ୍ୱସ୍ତି ଲାଭ କରିଛି। ଖଲ୍ଲିକୋଟ ବ୍ଲକର କଞ୍ଚଣାରେ ଦୁଇଟି, ଚିକିଲିରେ ଗୋଟିଏ ଓ ଲଙ୍ଗଳେଶ୍ୱରରେ ଗୋଟିଏ ଏଭଳି ମୋଟ ୪ଟି ମଡେଲ ବୁଥ ହୋଇଥିଲା। ମଥୁରା ପଞ୍ଚାୟତର ସୋଲବନ୍ଧରେ ଗୋଟିଏ ଦିବ୍ୟାଙ୍ଗ ବୁଥ ହୋଇଥିଲା। ଖଲ୍ଲିକୋଟ ଏନଏସିରେ ୮ଟି ଏବଂ ବିଭିନ୍ନ ପଞ୍ଚାୟତରେ ୧୨ଟି ସଖି ବୁଥ ହୋଇଥିଲା। ଉତ୍ତେଜନାପୂର୍ଣ୍ଣ ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ



ହୋଇଥିଲେ। କଡା ସୁରକ୍ଷା ବଳୟ ଭିତରେ ଭୋଟ ଗ୍ରହଣ ହୋଇଥିଲା। ମତଦାନ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା। ହତ୍ୟାର ଶିକାର ହୋଇଥିବା ଦିଲ୍ଲୀପ ପାହାନଙ୍କ ବାପା ରାମ ପାହାନ ଓ ବିଧବା ପତ୍ନୀ ଘର ନିକଟରେ ହୋଇଥିବା ଲୋଂଘର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଭୋଟ ଦେଇଥିଲେ। ସେହିପରି ପଥରା ୪୧ ନମ୍ବର ବୁଥରେ ତୃତୀୟ ପୋଲିଂ ଅଫିସର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ● ବିଜେଡି ଏଜେଣ୍ଟଙ୍କୁ ହତ୍ୟା ଉଦ୍ୟମ ମାମଲା

## ବିଜେପିର ୭ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨୦।୫(ସମିସ):** ଚିକିଟି ନିର୍ବାଚନମଣ୍ଡଳୀର ଲାଲମେଣ୍ଟା ପଞ୍ଚାୟତ ଅନ୍ତର୍ଗତ ବୀରସିଂହଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ଗତ ୧୩ ତାରିଖ ଭୋଟ ଗ୍ରହଣ କେନ୍ଦ୍ରରେ ବିଜେଡି ଦଳର ଏଜେଣ୍ଟ ଥିବା ଦିଲ୍ଲୀପ କୁମାର ପ୍ରଧାନଙ୍କୁ ହତ୍ୟା ଉଦ୍ୟମ ମାମଲାରେ କେ. ନୂଆଗାଁ ପୁଲିସ ୭ ଜଣ ବିଜେପି କର୍ମୀଙ୍କୁ ଗିରଫ କରିଛି। ସେମାନେ ହେଲେ ବୀରସିଂହଲକ୍ଷ୍ମୀ ନାରାୟଣପୁର ଗ୍ରାମର ସନାତନ ପ୍ରଧାନ, ବୃନ୍ଦାବନ ପାଣିଗ୍ରାହୀ, ବୁଲୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ସୁନିଲ ପ୍ରଧାନ, ବାଙ୍କ ବିଷୋୟୀ ଏବଂ ପ୍ରିୟରଞ୍ଜନ ଓରଫ ବୁଲୁ ପାଣିଗ୍ରାହୀ। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା କେ. ନୂଆଗାଁ ଥାନା ଆଇଆଇସି କିଶୋର ଚନ୍ଦ୍ର ସାମଲ କହିଛନ୍ତି। ପୂର୍ବରୁ ଏହି ମାମଲାରେ ବିଜେପି ସମର୍ଥକ କୃତ୍ତିବାସ ପ୍ରଧାନ ଏବଂ ତାଙ୍କ ପୁଅ ପ୍ରବୀଣ ପ୍ରଧାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

### ● କାଳବୈଶାଖୀ ତାଣ୍ଡବ

## ବିଭିନ୍ନ ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ



**ଭଞ୍ଜନଗର,୨୦।୫(ସମିସ):** ସୋମବାର ଅପରାହ୍ନରେ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବେଗରେ ପବନ ଓ ବର୍ଷା ହୋଇଥିଲା। ଫଳରେ ବେଲଗୁଣ୍ଠା ରୋଡ଼, କଲେଜ ରୋଡ଼, କୋର୍ଟ ପରିସର, କଳିଙ୍ଗ ନଗର ସମେତ କେତେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। କିଛି ସମୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଗଛକାଟି ରାସ୍ତା ସଫା ହେବା ପରେ ଚଳାଚଳ ହୋଇଥିଲା। ଗଛ ପଡ଼ି ତାର ଛିଡିବା ଦ୍ୱାରା ବିଦ୍ୟୁତ ସରବରାହରେ ବ୍ୟାଘାତ ଘଟିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ମରାମତି କାମ ଶେଷ ହେବା ପରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇଥିଲା।

## ଭୋଟ ବର୍ଜନ କଲେ ଗୁଡ଼ିଆପାଟଣା ଗ୍ରାମବାସୀ



**ସାନଖେମୁଣ୍ଡି,୨୦।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ସୋମବାର ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହୋଇଛି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ୨୫୩ଟି ଭୋଟ କେନ୍ଦ୍ରରେ ଲୋକେ ନିଜର ମତ ସାବ୍ୟସ୍ତ କରିଛନ୍ତି। କିନ୍ତୁ ସାନଖେମୁଣ୍ଡି ବ୍ଲକ ଏସ ଗୋପାଳପୁର ପଞ୍ଚାୟତ ଗୁଡ଼ିଆପାଟଣା ଗ୍ରାମବାସୀ ୧୨୯ ନମ୍ବର୍ ବୁଥରେ ଅଞ୍ଚଳବାସୀ ଭୋଟ ବର୍ଜନ କରିଛନ୍ତି। ଗାଁରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱର୍ ଭୋଟର୍ ରହିଥିବାବେଳେ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଗାଁରେ ପାନୀୟ ଜଳ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। କିନ୍ତୁ କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଗାଁ ମୁହଁରେ ଭୋଟ ବର୍ଜନ ପୋଷ୍ଟର ଲଗାଇ ବୁଥ କେନ୍ଦ୍ର ନିକଟରେ ଭୋଟ ବର୍ଜନ କରି ଡ଼ହ ଡହ ଖରାରେ ବସିଥିଲେ ମହିଳା ଓ ପୁରୁଷ। ପିଇବା ପାଣିରୁ ବଞ୍ଚିତ ଥିବାରୁ ଗ୍ରାମବାସୀ ଏଭଳି ନିଷ୍ପତ୍ତି ନେଇଥିଲେ। ସମସ୍ୟା ନେଇ ଆଗରୁ ଅଞ୍ଚଳବାସୀ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସିଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇନାହିଁ। ଫଳରେ ବାଧ୍ୟ ହୋଇ ଭୋଟ ବର୍ଜନ କରିଛନ୍ତି। ଘଟଣାସ୍ଥଳରେ ପୁଲିସ ମୁତୟନ ଥିବାବେଳେ ଗ୍ରାମବାସୀ ଭୋଟ ବର୍ଜନ କରି ଖରାରେ ରାସ୍ତା ଉପରେ ହାଣ୍ଡି ମାଠିଆ ଗରା ରଖି ଧାରଣାରେ ବସି ରହିଥିଲେ।

### ଅସହ୍ୟ ତାତି

## ବୁଥ୍‌ରେ ଅସୁସ୍ଥ ହେଲେ ପୋଲିଂ ଅଫିସର



**ଖଲ୍ଲିକୋଟ,୨୦।୫(ସମିସ):** ଖଲ୍ଲିକୋଟ ଅଞ୍ଚଳରେ ସୋମବାର ଭୋଟ ଗ୍ରହଣ ଚାଲିଥିବାବେଳେ ଅସହ୍ୟ ଗରମ ଯୋଗୁଁ ଜଣେ ପୋଲିଂ ଅଧିକାରୀ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଥରା ୪୧ ନମ୍ବର ବୁଥ୍‌ରେ ବୁଗୁଡ଼ାର ପ୍ରମୋଦ କୁମାର ଦାସ ତୃତୀୟ ପୋଲିଂ ଅଫିସର ଭାବେ କାର୍ଯ୍ୟରତ ଥିଲେ। ଭୋଟ ଗ୍ରହଣ ଚାଲିଥିବାବେଳେ ଦିନ ୧୧ଟାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେତୁ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଆଶାକର୍ମୀ ଓ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏଠାରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ସେ ଅସୁସ୍ଥ ହେବା ସତ୍ତ୍ୱେ ସମ୍ପୃକ୍ତ ବୁଥ୍‌ରେ ଭୋଟ ଗ୍ରହଣ ସୁରୁଖୁରୁରେ ହୋଇଥିବା ଜଣାପଡ଼ିଛି।

## ମହିଳାଙ୍କ ଆତ୍ମହତ୍ୟା

**ଗଞ୍ଜାମ,୨୦।୫(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପୁରୁଷୋତ୍ତମ ବେହେରାଙ୍କ ସ୍ତ୍ରୀ ପିଙ୍କି ବେହେରା(୨୮)। ପୁରୁଷୋତ୍ତମ ବେହେରା ଦୁବାଇରେ ରହୁଥିବା ବେଳେ କୌଣସି କାରଣବଶତଃ ସୋମବାର ସକାଳେ ମହିଳା ଜଣଙ୍କ ବେକରେ ରଶି ଲଗାଇ ଜୀବନ ହାରିଥିଲେ। ପରିବାରବର୍ଗ ତାଙ୍କୁ ଗଞ୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଗୋଟିଏ କନ୍ୟା ସନ୍ତାନ ରହିଥିବାବେଳେ ମୃତ ପିଙ୍କି ଜଣେ ଉଚ୍ଚ ଶିକ୍ଷିତା ବୋଲି ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ।

## ଦୁଇ ବାଇକ୍ ଧକ୍କା: ୧ ମୃତ; ୪ ଆହତ

**ଦାରିଙ୍ଗବାଡ଼ି,୨୦।୫(ସମିସ):** ଭୋଟ ଦେଇ ଘରକୁ ଫେରୁଥିବା ସମୟରେ କିରିକୁଟି ପଞ୍ଚାୟତ ଅନ୍ତର୍ଗତ ପାଟାଙ୍ଗି ବୁଲାଣି ରାସ୍ତାରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ବାଲିଗୁଡ଼ା ଏନଏସି ଅନ୍ତର୍ଗତ ନୂଆସାହି ଦଳିତ ସାହିର ନିରଳ ନାୟକ। ମୃତ ନିରଳ ନାୟକ, ସ୍ତ୍ରୀ ସଞ୍ଜୁ ନାୟକ ଏବଂ ସାତ ବର୍ଷର ଛୁଆ ସହ ପର୍ତ୍ତମାହା ବୁଥ ରେ ଭୋଟ ଦେଇ ବାଲିଗୁଡ଼ା ଫେରୁଥିଲେ। ନିଜ ଘର ପର୍ତ୍ତମାହା ଗ୍ରାମରେ ହୋଇଥିବା ବେଳେ ସେମାନେ ବାଲିଗୁଡାରେ ରହୁଥିଲେ। ଭୋଟ ଦେବା ପାଇଁ ବାଲିଗୁଡା ଠାରୁ ପର୍ତ୍ତମାହା ଯାଇ ଫେରୁଥିଲେ। ଦୁର୍ଘଟଣାରେ ଆହତ ଛୁଆ ସମେତ ୪ ଜଣଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ପାଣି ପାଇଁ ସଂଘର୍ଷ; ଅନ୍ଧକାରରେ ବିତୁଛି ଜୀବନ

**ପାରଳାଖେମୁଣ୍ଡି,୨୦।୫(ସମିସ)**





ଧରାପୃଷ୍ଠର ଅବଦାନରେ ପାହାଡ଼ର ଏକ ବିରାଟକାୟ ପଥରରୁ ଝରୁଥିବା ପାଣି ପିଇ ଜୀବନ ଅତିବାହିତ କରୁଛନ୍ତି ଲୋକେ। ଆଜି ଯାଏଁ ଏହି ଗ୍ରାମବାସୀଙ୍କ ଲାଗି ପାନୀୟ ଜଳ ପାଇବା ଏକ ପ୍ରକାର ସାତ ସପନ ପାଲଟିଛି। ପାଣି ପାଇଁ ଜୀବନକୁ ବାଜି ଲଗାଇ ପାହାଡିଆ ପାଦଚଲା ରାସ୍ତାଦେଇ ଏକ କିମି ରାସ୍ତା ଅତିକ୍ରମ ପରେ ପଥର ଫଟାରୁ ଝରୁଥିବା ଝର ପାଣି ପାଇଁ ଆଣିବା ପାଇଁ ଦିନରାତି ଏକ କରିଦେଇଛନ୍ତି। ଏପରିକି ପାଣି ପାଇଁ ନିଦ ହଜେଇ ଦେଇଛନ୍ତି ଗଜପତି ଜିଲ୍ଲା ଗାରବନ୍ଧ ଥାନା ଅନ୍ତର୍ଗତ ତାମନ୍ତରା ଗ୍ରାମବାସୀ। ପାହାଡ ଶିଖରରେ ରହିଥିବା ଏହି ତାମନ୍ତରା ଗ୍ରାମକୁ ଗଣ୍ଡାହାତୀ ମୁଖ୍ୟରାସ୍ତାରୁ ୫ କିମି ଘାଟି ରାସ୍ତା ଦେଇ ଯିବାକୁ ହୁଏ। ଗଣ୍ଡାହାତୀ ମୁଖ୍ୟ ରାସ୍ତାରୁ ପାହାଡ ଉପରେ ଥିବା ତାମନ୍ତରା ଗ୍ରାମ ପର୍ଯ୍ୟନ୍ତ ନୂତନ ଭାବେ ନିର୍ମିତ ଚକାଚକ ରାସ୍ତା ରହିଛି । ଗ୍ରାମକୁ ଯିବାକୁ ହେଲେ ପାଦଚଲା ପାହାଡିଆ ପଥର ରାସ୍ତା ଉପରେ ଦେଇ ଯିବାକୁ ପଡେ। ଉପର ତାମନ୍ତରା ଏବଂ ତଳତାମନ୍ତରାରେ ପ୍ରାୟ ୫୦ ପରିବାରର ୨୫୦ ଲୋକ ବସବାସ କରୁଛନ୍ତି। ତଳ ତାମନ୍ତରା ପର୍ଯ୍ୟନ୍ତ ହୋଇଥିବା ନୂତନ ରାସ୍ତା ତଳତାମନ୍ତରା ଠାରେ ଅଟକିଛି। ଏକ ବିରାଟକାୟ ବୃକ୍ଷ ପଡି ରାସ୍ତା ଅବରୋଧ ହେବା ସହ ରାସ୍ତା ମଧ୍ୟ ଅଟକିଯାଇଛି। ଉପର ତାମନ୍ତରାକୁ ରାସ୍ତା ନାହିଁ ।

ମୁଖ୍ୟ ସମସ୍ୟା ମଧ୍ୟରେ ପାନୀୟ ଜଳର ଘୋର ଅସୁବିଧା ରହିଛି। ଫଟା ପଥରରୁ ଝରୁଥିବା ପାଣି ହିଁ ସେମାନଙ୍କ ଜଳଉତ୍ସ। ଗ୍ରାମରେ ବୋରୱେଲ୍ ନାହିଁ। ବିଭାଗ ପକ୍ଷରୁ ବୋର୍‌ୱେଲ୍ ବା ଟ୍ୟୁବୱେଲ୍ ଖନନ କରାଯାଇଥିଲେ ମଧ୍ୟ ପାହାଡିଆ ଅଞ୍ଚଳ ଯୋଗୁଁ ପାଣି ବାହାରୁ ନାହିଁ। ପ୍ରକୃତିର ସୃଷ୍ଟିରେ ଏକ ପାହାଡର ପଥରର ଫାଟ ମଧ୍ୟରେ ଆସୁଥିବା ପାଣିକୁ ସଂଗ୍ରହ କରୁଛନ୍ତି ଲୋକେ। ଏହି ପାଣି ବର୍ଷାଦିନେ ଟିକିଏ ଅଧିକ ପ୍ରବାହିତ ହେଉଥିବା ବେଳେ ଖରାଦିନେ ଟୋପା ଟୋପା ଝରୁଛି । ହାଣ୍ଡିଏ ପାଣି ଧରିବାପାଇଁ ଅତି କମରେ ଦୁଇରୁ ତିନିଘଣ୍ଟା ସମୟ ଲାଗୁଛି । ଚଳିତ ଗ୍ରୀଷ୍ମଋତୁରେ ସମସ୍ତ ଜଳଉତ୍ସ ଶୁଖିଯାଇଥିବାରୁ ପଥରରୁ ଝରୁଥିବା ପାଣି ମଧ୍ୟ ଶୁଖିଯାଇଥିଲା। ଅଦିନିଆ ବର୍ଷା ଯୋଗୁଁ ଟୋପାଏ ଟୋପାଏ ପାଣି ଝରୁଛି । ଏହି ଝରୁଥିବା ପାଣି ପାଇଁ ଦିନ ରାତି ଲୋକେ ଯାଇ ହାଣ୍ଡିଏ ଲେଖାଁଏ ପାଣି ଆଣୁଛନ୍ତି। ପାହାଡିଆ ପଥୁରିଆ ରାସ୍ତା ଏବଂ ଜଙ୍ଗଲ ଯୋଗୁଁ ବିଭିନ୍ନ ଭୟ ରହିଛି । ସରୀସୃପ ଠାରୁ ଆରମ୍ଭ କରି ଜଙ୍ଗଲୀ ଜନ୍ତୁଙ୍କ ଆକ୍ରମଣ ଆଶଙ୍କା ରହିଛି । ମହିଳା ଏହି ପଥର ଝରା ପାଣି ଆଣିବାକୁ ଗଲେ ପୁରୁଷ ପହରା ଦେଉଥିବାର ଲକ୍ଷ୍ୟ କରାଯାଇଛି । ଫଳରେ ଦୈନିକ ମଜୁରୀ ଏବଂ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରୁଥିବା ପୁରୁଷ ପାଣି ପାଇଁ ଆଉ କାମକୁ ଯାଇପାରୁ ନଥିବା ପ୍ରକାଶ କରିଛନ୍ତି। ଅନ୍ୟ ଏକ ସମସ୍ୟା ହେଲା ବିଦ୍ୟୁତ । ଏହି ଗ୍ରାମାଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇଥିଲେ ମଧ୍ୟ ୨୦୧୮ ମସିହାରେ ତିତିଲି ମହାବାତ୍ୟାରେ ଘଟିଥିବା କ୍ଷୟକ୍ଷତିରେ ଏଠାକାର ବିଦ୍ୟୁତ ଖୁଣ୍ଟ ଠାରୁ ଆରମ୍ଭ କରି ଟ୍ରାନ୍ସଫର୍ମର ଭାଙ୍ଗି ରୁଜିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି ହୋଇନାହିଁ। ସେବେ ଠାରୁ ଏହି ଗ୍ରାମରେ ବିଦ୍ୟୁତ ସରାବରାହ ବନ୍ଦ ରହିଛି । ୬ ବର୍ଷରୁ ଊର୍ଦ୍ଧ୍ୱର୍ ସମୟ ହେଲା ଅନ୍ଧକାରରେ ଜୀବନ କାଟୁଛନ୍ତି ଉପରତାମନ୍ତରା ଏବଂ ତଳତାମନ୍ତରା ଗ୍ରାମବାସୀ । ସମସ୍ୟା ସମ୍ପର୍କରେ ପ୍ରଶାସନିକ ଓ ରାଜନେତାଙ୍କୁ ଅନେକବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ହୋଇପାରିଲେ ସେମାନେ ଉପକୃତ ହୋଇପାରିବୁ ବୋଲି କହିଛନ୍ତି।

